## ପାରୋଲରେ ଗଲେ ଆଉ ୩ କଏଦୀ

କେନ୍ଦୁଝର, (ଡି.ଏନ୍.ଏ.): କେନ୍ଦୁଝର ଜିଲା କାରାଗାରରୁ ମଙ୍ଗଳବାର ଆଉ ୩ ଜଣ ଆଜୀବନ କଏଦୀଙ୍କୁ ଜୁନ୍ ୧ ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ପାରୋଲରେ ଛଡା ଯାଇଥିବା ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏମାନଙ୍କୁ ମିଶାଇ ଗତ କିଛିଦିନ ମଧ୍ୟରେ କେନ୍ଦୁଝର ଜିଲା କାରାଗାରରୁ ୩୩ କଏଦୀ ପାରୋଲରେ ଯାଇ ସାରିଥିବା ଜଣାପଡିଛି।

## ସଂକ୍ଷେପରେ

### ଦିଲ୍ଲୀରେ ଓଡ଼ିଆ ଡାକ୍ତରଙ୍କ ପରଲୋକ

ରୂପ୍‌ସା, ୧।୬(ଡି.ଏନ.ଏ.): ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ହୀରାପୁର ଗ୍ରାମର ଡା. ଲକ୍ଷ୍ମୀକାନ୍ତ ପରିଡ଼ାଙ୍କର ଦିଲ୍ଲୀସ୍ଥିତ ଏମସ୍ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ନିକଟରେ ସାନଭାଇ ରମାକାନ୍ତ ପରିଡ଼ା ଓ ବନ୍ଧୁ ଶାଶ୍ୱତ ମହାପାତ୍ର ଉପସ୍ଥିତ ଥିଲେ। ଡା. ପରିଡ଼ା ଦିଲ୍ଲୀସ୍ଥିତ ହିନ୍ଦୁରାଓ ସରକାରୀ ଡାକ୍ତରଖାନାରେ ମେଡ଼ିକାଲ ଅଫିସର ଭାବରେ କାର୍ଯ୍ୟରତ ଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ମରଶରୀରକୁ ହୀରାପୁରସ୍ଥିତ ବାସଭବନକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରୂପ୍‌ସା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

### ବାତ୍ୟା ବିପନ୍ନଙ୍କୁ ସହାୟତା

ରସାଲପୁର, ୧।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ସଦର ବ୍ଲକ ବର୍ଦ୍ଧନପୁର ଓ କସବା ପଞ୍ଚାୟତର 'ୟାସ୍' ବାତ୍ୟାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ୟୁଥ ଫର ଡେଭେଲପମେଣ୍ଟ ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଉକ୍ତ ପଞ୍ଚାୟତର ବହୁ ଗାଁ ବାତ୍ୟା 'ୟାସ୍' ଯୋଗୁ ସମୁଦ୍ର ଜୁଆର ଆସି ଲୋକଙ୍କ ଘରେ ପାଣି ପଶ ଯିବାରୁ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଖବରପାଇ ସଙ୍ଗଠନ ତରଫରୁ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ୍ ବଣ୍ଟନ କରିଥିଲେ। ସଙ୍ଗଠନର ସଦସ୍ୟ ବିକ୍ରମ ବିଶ୍ୱାଳ, ଚନ୍ଦନ ମଲ୍ଲିକ, ରାମଚନ୍ଦ୍ର ମହାରଣା, ବିଜୟ ବେହେରା ପ୍ରମୁଖ ବନ୍ୟା ଅଞ୍ଚଳ ଲୋକଙ୍କୁ ସହାୟତାର ହାତ ବଢାଇଛନ୍ତି।

### ଜିଲାପାଳଙ୍କ କୋଭିଡ୍ ହସ୍ପିଟାଲ ପରିଦର୍ଶନ

ଭଦ୍ରକ ଅଫିସ,୧।୬: ଭଦ୍ରକ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ମଙ୍ଗଳବାର ଜିଲା ମେଡିକାଲ ପରିସରରେ ଥିବା କୋଭିଡ୍ ୱାର୍ଡ, ଓଡ଼ଙ୍ଗ କୋଭିଡ କେୟାର ସେଣ୍ଟର ପରିଦର୍ଶନ କରିଛନ୍ତି। କରୋନା ଆକ୍ରାନ୍ତଙ୍କ ଚିକିତ୍ସା, ସେମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ଗୁଣବତ୍ତା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଆଶାକର୍ମୀ ମାନେ ଘରକୁ ଘର ବୁଲି ଉପଯୁକ୍ତ ସର୍ବେକ୍ଷଣ କରୁଛନ୍ତି କି ନା ସେ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ରୋଷେଇ ସ୍ଥଳକୁ ଯାଇ ଖାଦ୍ୟ ପ୍ରସ୍ତୁତି ଦେଖିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ଅସୁସ୍ଥ ପୂର୍ବତନ ଏମ୍‌ପିଙ୍କୁ ଭେଟିଲେ ରାଜ୍ୟ ନେତୃବୃନ୍ଦ

କେନ୍ଦୁଝର, ୧।୬(ସ୍ୱ.ପ୍ର.): କେନ୍ଦୁଝରର ପୂର୍ବତନ ଏମ୍‌ପି ଉପେନ୍ଦ୍ରନାଥ ନାୟକ ଡାଇବେଟିସ ଓ କିଡନୀ ରୋଗରେ ଗୁରୁତର ଅବସ୍ଥାରେ ଘଟଗାଁ ବ୍ଲକ୍ ଅନ୍ତର୍ଗତ ଡଲଙ୍ଗପାଣୀ ସ୍ଥିତ ନିଜ ବାସଭବନରେ ଶଯ୍ୟାଶାୟୀ ଅଛନ୍ତି। ମଙ୍ଗଳବାର ରାଜ୍ୟ ଭାଜପାର ବରିଷ୍ଠ ନେତା ମହେଶ୍ୱର ସାହୁ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ଜିଲା ଭାଜପାର ପୂର୍ବତନ ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, ଭାଜପା ଯୁବନେତା ଅଶିତ ନନ୍ଦନ ମହାନ୍ତି ପ୍ରମୁଖ ନେତୃବୃନ୍ଦ ଭେଟି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

### ୩ ଗାଁ ରାସ୍ତା ସିଲ୍

ବନ୍ତ,୧।୬(ଡି.ଏନ୍.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ତୁଣ୍ଡା, ବେଲଦା, ନରସିଂହପୁର ଗାଁ ରାସ୍ତାକୁ ସ୍ଥାନୀୟ ଗ୍ରାମବାସୀ ସିଲ୍ କରିଛନ୍ତି। ଉପରୋକ୍ତ ଗ୍ରାମରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ସହ ୧୫ ଦିନ ମଧ୍ୟରେ ତୁଣ୍ଡା ଗ୍ରାମର ଗୋଟିଏ ପରିବାରର ୩ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ବ୍ଲକ ପ୍ରଶାସନର ସହମତିରେ ସ୍ଥାନୀୟ ସରପଞ୍ଚ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଗ୍ରାମବାସୀ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମଙ୍ଗଳବାରଠାରୁ ସୋମବାର ପର୍ଯ୍ୟନ୍ତ ୭ ଦିନ ପାଇଁ ଉକ୍ତ ରାସ୍ତା ସିଲ୍ କରାଯାଇଛି।

### ଲୁଣାବନ୍ଧ, ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦାବି

ଲଙ୍ଗଳେଶ୍ୱର, ୧।୬(ଡି.ଏନ.ଏ.):ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତର ଯୁଗଡ଼ିହା ଗ୍ରାମ ବାତ୍ୟାରେ ବ୍ୟାପକ କ୍ଷତି ହୋଇଛି। କାଳୀପଦାଠାରୁ ଚଉମୁଖ ପର୍ଯ୍ୟନ୍ତ ୧୦କି.ମି. ଲୁଣାବନ୍ଧ ନିର୍ମାଣ ସହ ଯୁଗଡ଼ିହା ଗ୍ରାମରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ, ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଓଭରହେଡ୍ ଟାଙ୍କି, ଗ୍ରାମର ଗଳିକନ୍ଦିରେ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ଲାଗି ଗ୍ରାମର ନିତ୍ୟାନନ୍ଦ ଜେନା, ରବୀନ୍ଦ୍ର ଜେନା, ଗୋପାଳ ଖଣ୍ଡା, ଅର୍ଜୁନ ବାରିକ, କୈଳାସ ଜେନା, ହରିହର ଜେନା, ଶ୍ରୀକାନ୍ତ ଜେନା, ରବୀନ୍ଦ୍ର ଦେ, ବୁଲୁ ଜେନା, ବାଳକୃଷ୍ଣ ପରିଡ଼ା ପ୍ରମୁଖ ଦାବି କରିଛନ୍ତି।

# ଜେଲରେ ୫ ଅନ୍ତେବାସୀ କରୋନା ସଂକ୍ରମିତ

ବାଲେଶ୍ୱର ଅଫିସ, ୧।୬



ବାଲେଶ୍ୱର ଜିଲା ମୁଖ୍ୟ କାରାଗାର।

■ ୯୦ଦିନ ପାରୋଲରେ ଯିବେ ୧୨ କଏଦୀ
■ ୬୦କଏଦୀ ଉପକାରାଗାରକୁ ସ୍ଥାନାନ୍ତରିତ

ବାଲେଶ୍ୱର ଜିଲା ମୁଖ୍ୟ କାରାଗାରରେ ୫ଜଣ କଏଦୀ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ୧୨କଏଦୀଙ୍କୁ ୯୦ଦିନ ପାଇଁ ପାରୋଲରେ ଏବଂ ୬୦ କଏଦୀଙ୍କୁ ବିଭିନ୍ନ ଉପକାରାଗାରକୁ ସ୍ଥାନାନ୍ତରିତ କରାଯାଇଛି। ଗତ ସପ୍ତାହରେ ପ୍ରଥମେ ଜଣେ ଓ ପରେ ୪ଜଣ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲା ମୁଖ୍ୟ କାରାଗାରରେ କରୋନା ପ୍ରତିରୋଧ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜେଲକୁ ଆସିଥିବା ମେଡ଼ିକାଲ ଟିମ୍ ପରୀକ୍ଷା ପାଇଁ ସମସ୍ତ କଏଦୀଙ୍କଠାରୁ ସ୍ୱାବ ସଂଗ୍ରହ କରିଥିଲେ। ତେବେ ୫ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଥିବା ଅଧୀକ୍ଷକ ସୁଜିତ ରାଉଳ ସୂଚନା ଦେଇଛନ୍ତି। ଜେଲ ପରିସରକୁ ନିୟମିତ ବିଶୋଧନ କରାଯାଉଥିବା ବେଳେ ମେଡ଼ିକାଲ ଟିମ୍ ଆସି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଜେଲରେ ଥିବା ୫୯୫ଜଣ କଏଦୀଙ୍କ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ଉଚ୍ଚନ୍ୟାୟାଳୟ ବିଚାରପତି, ଗୃହବିଭାଗ ଓ ରାଜ୍ୟ କାରାଗାର ମହାନିର୍ଦ୍ଦେଶକଙ୍କୁ ନେଇ ଗଠିତ ଉଚ୍ଚସ୍ତରୀୟ କମିଟିଙ୍କ ନିର୍ଦ୍ଦେଶକ୍ରମେ ଦଣ୍ଡ ଭୋଗୁଥିବା ୧୭ଜଣଙ୍କୁ ୩ମାସିଆ ଛୁଟିରେ ପଠାଯାଇଥିଲା। ଏବେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଜଣଙ୍କୁ ଛୁଟିରେ ପଠାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାପରେ ବି ଜେଲ ଅନ୍ତେବାସୀଙ୍କ ସଂଖ୍ୟା କମ୍ କରିବା ପାଇଁ ଏଠାରୁ ୪୭ଜଣ ବିଚାରଧୀନ କଏଦୀଙ୍କୁ ସୋର ଓ ୧୩ଜଣଙ୍କୁ ଜଳେଶ୍ୱର ଉପକାରାଗାରକୁ ସ୍ଥାନାନ୍ତର କରାଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରତ୍ୟେକ ଜେଲରେ କଏଦୀ ସଂଖ୍ୟା ହ୍ରାସ ପାଇଁ ଚଳିତମାସ ପ୍ରଥମ ସପ୍ତାହରେ ଉଦ୍ୟମ ଆରମ୍ଭ ହୋଇଥିଲା। ସେହି କ୍ରମରେ ୪୮୦ କଏଦୀ ଅବସ୍ଥାନ କରିବାର କ୍ଷମତା ବିଶିଷ୍ଟ ବାଲେଶ୍ୱର ଜିଲା ମୁଖ୍ୟ କାରାଗାରରେ ରହୁଥିବା ୫୯୫ଜଣ କଏଦୀଙ୍କ ସଂଖ୍ୟା ହ୍ରାସ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା

ଜଳେଶ୍ୱର, ୧।୬ (ଡି.ଏନ୍.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ରାଜପଞ୍ଚାୟତର ଥିବା ରାମନଗରପାଟଣା ସେବା ସମବାୟ ସମିତିରେ ଧାନକିଣାକୁ କେନ୍ଦ୍ର କରି ଚାଷୀମାନେ ଧାରଣାରେ ବସିଛନ୍ତି। ଚାଷୀଙ୍କ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ସେବା ସମବାୟ ସମିତିରେ ମୋଟ ୨୦୨ଜଣ ଚାଷୀ ରେଜିଷ୍ଟ୍ରେଶନ କରିଥିବା ବେଳେ ୧୫୬ଜଣଙ୍କ ଟୋକନ୍ ଆସିଥିଲା । ମୋଟ ୯୬୩୦ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଥିବା ବେଳେ ମାତ୍ର ୧୬୦୦ କୁଇଣ୍ଟାଲ ଧାନବିକ୍ରିର ଟାର୍ଗେଟ ଆସିଛି । ଅଦ୍ୟାବଧି ମାତ୍ର ୪୪ଜଣ ଚାଷୀ ୧୩୦୦ କୁଇଣ୍ଟାଲ ଧାନ ଦେବା ପରେ ୧୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଧାନ ବର୍ଷାରେ ପଡି ରହିଛି। ତେଣୁ ଚାଷୀମାନଙ୍କ ନିଷ୍ପତ୍ତି ଅନୁଯାୟୀ ରେଜିଷ୍ଟ୍ରେଶନ କରିଥିବା ସମସ୍ତ ଚାଷୀଙ୍କ ଧାନ କିଣା ନ ଯିବା ପର୍ଯ୍ୟନ୍ତ ସମିତି ଆଗରେ ଧାରଣା ଚାଲୁ ରହିବ ବୋଲି ସରପଞ୍ଚ ଦିଲୀପ ପରିଡା, ହରିଶ୍ଚନ୍ଦ୍ର ଭୂୟାଁ, ଦୁର୍ଗାଶଙ୍କର ଭୂୟାଁ, ଗଣେଶ ପାତ୍ର, କମଳାକାନ୍ତ ଦେ, ଚିନ୍ମୟାନନ୍ଦ ପାଳ, ସୁବ୍ରତ ବିଶ୍ୱାଳ, ରାଧେଶ୍ୟାମ ବିଶ୍ୱାଳ, ବରୁଣା ନାୟକ, ତପନ ବିଶ୍ୱାଳଙ୍କ ସହିତ ବହୁ ଚାଷୀ କହିଛନ୍ତି।

## କରୋନା, ବାତ୍ୟା ବିପନ୍ନଙ୍କୁ ସହାୟତା


ଖବରକାଗଜ ବିତରକଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି।

ବାଲେଶ୍ୱର ଅଫିସ,୧।୬

ବାଲେଶ୍ୱର ଜିଲାରେ କରୋନା ଓ ବାତ୍ୟା 'ୟାସ୍'ରେ ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇ ବିଭିନ୍ନ ବର୍ଗର ଲୋକଙ୍କୁ ରାସନ ସାମଗ୍ରୀ ବଣ୍ଟନ କରୁଛନ୍ତି 'ରେବତୀ ମିଡ଼ିଆ ହାଉସ୍'ର ସମ୍ପାଦକ ସୁବାସିନୀ ଜେନା ଓ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା। ବିଶେଷ କରି ଖବରକାଗଜ ବିକ୍ରେତା, ଅଟୋ ଚାଳକ, ରିକ୍ସା ଚାଳକଙ୍କୁ ଏହି ସାମଗ୍ରୀ ଦିଆଯାଇଥିଲା।। ରାଶନ ସାମଗ୍ରୀର ପ୍ରତି ପ୍ୟାକେଟ୍‌ରେ ଅଟା, ଚୂଡ଼ା, ଚିନି, ଡାଲି, ବିସ୍କୁଟ, ଆଳୁ, ପିଆଜ ଭଳି ସାମଗ୍ରୀ ଦେବା ସହିତ ସୁରକ୍ଷିତ ରହିବା ପାଇଁ ମାସ୍କ ଓ ସାନିଟାଇଜର ମଧ୍ୟ ଦିଆଯାଇଛି। ଏହି ଅବସରରେ ଜେନା କହିଥିଲେ ଯେ, ଲୋକଙ୍କ ଖରାପ ଅବସ୍ଥା ସମୟରେ ସେମାନଙ୍କ ପାଖରେ ଠିଆ ହେଲେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ସେମାନେ ସାହସ ପାଇବେ। ଏହି ରାଶନ ସାମଗ୍ରୀ ପ୍ରଦାନ ବେଳେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଖବରକାଗଜ ବିକ୍ରେତା ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଛାତ୍ର ବିଜେଡି ଜିଲା ସଭାପତି ସିମନ ଦାସ ମହାପାତ୍ର, ବିଶ୍ୱଜିତ ମହାପାତ୍ର, ନରେନ୍ଦ୍ର ବିହାରୀ ଦାସ, ଶୁଭମ ସାଇ ମହାପାତ୍ରଙ୍କ ସମେତ ବିଜେଡିର ଯୁବ, ଛାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## କଂଗ୍ରେସର ଦାବିପତ୍ର, ଭାଜପା ଦେଲା ଏତଲା


କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାରିପଦା ଅଫିସ,୧।୬

ମୟୂରଭଞ୍ଜ ଜିଲା ବାରପଦାର ବାଙ୍କିଶୋଳସ୍ଥିତ କୋଭିଡ୍ ହସପିଟାଲରେ ଅବ୍ୟବସ୍ଥାକୁ ସୁଧାରିବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଡାକ୍ତରଖାନା କର୍ମଚାରୀଙ୍କ ଦୁର୍ବ୍ୟବହାର ଓ ଷ୍ଟାଫମାନଙ୍କର ମନୋମୁଖି କାର୍ଯ୍ୟ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ପତ୍ରରେ ଉଲ୍ଲେଖ ରହିଛି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମହିଳା କଂଗ୍ରେସ ସଭାପତି ସସ୍ମିତା ଘୋଷାଲ, ନଗର ସଭାପତି ଶାନ୍ତନୁ ପାଲ, ବରିଷ୍ଠ କଂଗ୍ରେସ ନେତା ଅରବିନ୍ଦ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ବାରିପଦା କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା

ସେହିପରି କୋଭିଡ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଭାଜପା ପକ୍ଷରୁ ବାରିପଦା ସଦର ଥାନାରେ ଏତଲା ଦିଆଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଓ ଚିକିତ୍ସାରେ ଅବହେଳା ଯୋଗୁ ଅନେକ ରୋଗୀଙ୍କ ମୃତ୍ୟୁ ହେଉଛି। ଏଥି ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ସମ୍ପୂର୍ଣ୍ଣଭାବେ ଦାୟୀ ବୋଲି ଭାଜପା ଅଭିଯୋଗ କରିଛି। ଥାନାରେ ଏତଲା ପ୍ରଦାନ ବେଳେ ବିଧାୟକ ପ୍ରକାଶ ସୋରେନ, ଡା. ବୁଢ଼ାନ ମୁର୍ମୁ, ଭାସ୍କର ମଢ଼େଇ, ଜିଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ଜିଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ଜିଲା ଦଳୀୟ କର୍ମକର୍ତ୍ତା ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ।

## କଟକଣା ନ ମାନି ଲ୍ୟାମ୍ପରେ ଚାଷୀଙ୍କ ଭିଡ଼

ଢେଙ୍କିକୋଟ, ୧।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଆଦିବାସୀ ବହୁଳ ଅଞ୍ଚଳ ଚାଷୀମାନେ ଚାଷ କାର୍ଯ୍ୟ କରିବାକୁ ତତ୍ପର ହୋଇଉଠିଛନ୍ତି। ସରକାରଙ୍କ ସୁଲଭ ମୂଲ୍ୟରେ ଉନ୍ନତମାନର ବିହନ ଲ୍ୟାମ୍ପ ଓ ସମବାୟ ସମିତି ମାଧ୍ୟମରେ ବିକ୍ରୟ ଆରମ୍ଭ ହୋଇଥିବାରୁ ମଙ୍ଗଳବାର ଢେଙ୍କିକୋଟ ଲ୍ୟାମ୍ପରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଲୋକେ କରୋନା କଟକଣାକୁ ଉଲ୍ଲଂଘନ କରି ଭିଡ଼ ଜମାଇଥିଲେ। ଫଳରେ ଲ୍ୟାମ୍ପ ଏମ.ଡି ଅକ୍ଷୟ କୁମାର ମହାନ୍ତ ତୁରନ୍ତ ଥାନାକୁ ଜଣାଇଥିଲେ। ଏନେଇ ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ଆଇଆଇସି ଶ୍ୟାମଘନ ବେହେରା ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କୁ ନିୟମ ମାନି ସାମାଜିକ ଦୂରତା ବଜାୟ ରଖି ଧାଡ଼ିରେ ଯିବାକୁ କହିଥିଲେ।

## ବନ୍ୟା ବିପନ୍ନଙ୍କୁ ସହାୟତା

ପଦ୍ମପୁର, ୧।୬(ଡି.ଏନ.ଏ.)

ସାମୁଦ୍ରିକ ବାତ୍ୟା 'ୟାସ୍' ପ୍ରଭାବରେ ବାସୁଦେବପୁର ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ବାଲିମୁଣ୍ଡା ପଞ୍ଚାୟତର ନନ୍ଦପଟଣା, ଧୂଳିଆପଦା, ଚିପୁଆଡ଼ିଆ, ପାଞ୍ଚଘରିଆ, ବାଲିମୁଣ୍ଡା ଗୋଚର, ରାଉତରାୟପୁର, ସାନହାବେଳିସାହି ଓ କାଳିଆବୁଦା ଗ୍ରାମକୁ ଜିଲା ଭାଜପା ଉପସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ଯୁବ ନେତା ସତ୍ୟରଞ୍ଜନ ସାମନ୍ତ, ଚଞ୍ଚଳ ବେରା, ପଦ୍ମପୁର ଯୁବ ମୋର୍ଚ୍ଚା ସଭାପତି କୃପାସିନ୍ଧୁ ଦାସ, ବାସୁଦେବପୁର ନଗର ଯୁବ ମୋର୍ଚ୍ଚା ସଭାପତି ତାଜୁ ଖାନ ପ୍ରମୁଖ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ବଣ୍ଟନ କରିଛନ୍ତି।

## କୋଭିଡ୍ ହସ୍ପିଟାଲରୁ ମୃତକଙ୍କ ମୋବାଇଲ ଉଭାନ

କେନ୍ଦୁଝର, ୧।୬(ସ୍ୱ.ପ୍ର.)

### ଥାନାରେ ମାମଲା

କୋଭିଡ ହସ୍ପିଟାଲରେ ମୃତକଙ୍କ ମୋବାଇଲ ଉଭାନ ଘଟଣାକୁ ନେଇ ମଙ୍ଗଳବାର ତାଙ୍କ ସମ୍ପର୍କୀୟ ଲକ୍ଷ୍ମୀଧର ମାଝୀ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୧୮ ତାରିଖରେ ପର୍ଜନପୁର ପଞ୍ଚାୟତର ଅମୃତପଡ଼ା ଗ୍ରାମର କୃଷ୍ଣ ଚନ୍ଦ୍ର ମାଝୀଙ୍କୁ ରାଙ୍କିସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ପାଖରେ ଥିବା ମୋବାଇଲ୍ ଫୋନ୍, ସୁନା ଚେନ ଓ ଟଙ୍କା ମିଳି ନ ଥିବାରୁ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ହୋଇ ଆସୁଥିବାରୁ ଏନେଇ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ମୃତକଙ୍କ ପରିବାରକୁ ଭେଟିଲେ ଭାଜପା ନେତା


ମୃତକଙ୍କ ଘରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା।

ଖଇରା, ୧।୬(ଡି.ଏନ.ଏ.)

### ଧରିତ୍ରୀ ପ୍ରଭାବ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅସିନ ଡାଲଙ୍ଗ ଗ୍ରାମରେ କାନ୍ଥ ପଡି ଆହତ ହେବା ଓ ପରେ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ଗିରିଧାରୀ ପାଢୀ(୪୫)ଙ୍କୁ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଭେଟିଛନ୍ତି। ଶୁଦ୍ଧିକ୍ରିୟା ପାଇଁ ସେ ୫ହଜାର ଟଙ୍କା ପ୍ରଦାନ କରିବା ସହ ତଥା ତାଙ୍କର ପିଲାମାନଙ୍କର ସମସ୍ତ ପଢା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ପଣ୍ଡା ଡାଲଙ୍ଗ, ଜଳଦା, ଗଗନଧୂଳି, ମାଖନପୁର ପଞ୍ଚାୟତର ବିଭିନ୍ନ କ୍ଷତିଗ୍ରସ୍ତ ପରିବାରକୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରୁଛନ୍ତି। ପଣ୍ଡାଙ୍କ ସହ ସିମୁଳିଆ ପ୍ରଭାରୀ ଈଶ୍ୱର ବେହେରା, ମଣ୍ଡଳ ସଭାପତି ମହେଶ୍ୱର ନାଥ, ଡାଲଙ୍ଗ ସମିତିସଭ୍ୟ ମନୋଜ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ତହସିଲଦାର ମହେନ୍ଦ୍ର ବେହେରା ମୃତକଙ୍କ ଘରକୁ ଯାଇ ସମସ୍ତ ଘଟଣା ପଚାରି ବୁଝିଛନ୍ତି । କାନ୍ଥ ପଡି ମୃତ୍ୟୁବରଣ କରିଥିବା ସମ୍ପର୍କରେ ୩ଦିନ ତଳେ ଧରିତ୍ରୀରେ ପ୍ରକାଶ ପାଇଥିଲା।

## 'ୟାସ୍' କ୍ଷତିଗ୍ରସ୍ତଙ୍କୁ ସହାୟତା


କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ ବଣ୍ଟନ କରାଯାଉଛି।

ବାଲିଆପାଳ, ୧।୬(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ କଙ୍କଡ଼ାପାଳ ଗ୍ରାମରେ ସାମୁଦ୍ରିକ ବାତ୍ୟା 'ୟାସ୍'ର ପ୍ରଭାବରେ କ୍ଷତିଗ୍ରସ୍ତ ଗରିବ ଲୋକଙ୍କୁ ମଙ୍ଗଳବାର ସାମାଜିକ କର୍ମୀ ମାନସ ଦାସ ତାର୍ପୋଲିନ ବଣ୍ଟନ କରିଥିଲେ। ଆଗାମୀ ଦିନରେ ସମୁଦ୍ର ଉପକୂଳ ଯମୁନାଶୂଳ ସହିତ ସାମୁଦ୍ରିକ ଜୁଆରରେ ପ୍ରଭାବିତ ଗ୍ରାମରେ କ୍ଷତିଗ୍ରସ୍ତ ଗରିବମାନଙ୍କୁ ତାର୍ପୋଲିନ ବଣ୍ଟନ କରାଯିବ ବୋଲି ସାମାଜିକ କର୍ମୀ ଦାସ ସୂଚନା ଦେଇଛନ୍ତି। ଏଥିରେ ଓମକାର ନାଥ ରଥ ଏବଂ ରାଜେଶ ଗିରି ଆଂଶିକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଶ୍ୱଜିତ୍ ଜେନା, ଅରବିନ୍ଦ ବେହେରା, ଚନ୍ଦ୍ରମୋହନ ସାହୁ, ଆଲୋକ ଦାସ, ଗଣେଶ ଗିରି, ଗୌତମ ଗିରି, ଅଶୋକ ରାଉତ ଓ ଅଜୟ ମାଝି ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ସେବା ପାଇଁ ରାସ୍ତାରୋକୋ

ବାସୁଦେବପୁର, ୧।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇ ନ ଥିବାରୁ ମଙ୍ଗଳବାର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଶତାଧିକ ବ୍ୟକ୍ତି ରାସ୍ତାରେ ହୋହଲ୍ଲା କରିବା ପରେ ସ୍ଥାନୀୟ ଆଇଆଇସି ଗୌରାଙ୍ଗ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। 'ୟାସ' ପ୍ରଭାବରେ ସୁଦର୍ଶନପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରାଯାଇ ପାରିନାହିଁ। ଫଳରେ ଅସନ୍ତୋଷ ଦେଖାଦେଇଛି। ଖୁବଶୀଘ୍ର ବିଦ୍ୟୁତ ସେବା ଯୋଗାଇ ଦିଆଯିବା ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

## ମହିଳାଙ୍କ ଉପରେ ଚଢ଼ିଗଲା ହାଇୱା

ଯୋଡ଼ା, ୧।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଗୁରୁଡ଼ି ଛକ ନିକଟରେ ଏକ ହାଇୱା ମଙ୍ଗୁଳି ପେଣ୍ଡେଇ ନାମ୍ନୀ ଜଣେ ମହିଳାଙ୍କ ଗୋଡ଼ ଉପରେ ଚଢିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଯୋଡ଼ାସ୍ଥିତ ଡ଼ାକ୍ତରଖାନାକୁ ନିଆଯାଇଥିଲା। ଦୁର୍ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଲାଗି ରହିଥିଲା। ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଖବର ଲେଖାହେବାବେଳକୁ ମଧ୍ୟ ରାସ୍ତାରୋକୋ ଜାରି ରହିଥିଲା।

## ଜିଲାପାଳଙ୍କ ବାତ୍ୟାଞ୍ଚଳ ପରିଦର୍ଶନ

ସୋର, ୧।୬(ଡି.ଏନ୍.ଏ.)

ସୋର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ବାତ୍ୟା ପ୍ରଭାବ ଓ ବିଭିନ୍ନ ସମସ୍ୟା ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏକ ସମୀକ୍ଷା ବୈଠକ କରିବା ସହ ବାତ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବାତ୍ୟା ୟାସରେ ପ୍ରଭାବିତଙ୍କୁ ସହାୟତା ପ୍ରଦାନ ସହ ସୋର ଡାକ୍ତରଖାନା ପରିସରରେ ୮କୋଟି ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ କୋଠା ପରିଦର୍ଶନ କରି କାର୍ଯ୍ୟ ୩ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କୋଠା ୩ କରୋନା ଲହର ସମୟରେ କୋଭିଡ୍ ହସ୍‌ପିଟାଲ ଭାବେ ବ୍ୟବହୃତ ହେବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତାବ ଅଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡାଙ୍କ ସହ ସହରର ଡ୍ରେନେଜ୍ ବ୍ୟବସ୍ଥା ବାତ୍ୟା ବିପନ୍ନଙ୍କୁ ସରକାରୀ ସହାୟତା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଏଥିସହ ସୋର ସହର ମଧ୍ୟଦେଇ ରାଜପଥ ସଂପ୍ରସାରଣ ବେଳେ ଦୁଇ ପାର୍ଶ୍ୱରେ ଅତିକମ୍‌ରେ ୩୦ଫୁଟ୍ ଓସାରର ସର୍ଭିସ ରୋଡ୍ ସହ ଅଢ଼େଇ ମିଟର ଓସାର ସହ ଗଭୀର ଡ୍ରେନ୍ ନିର୍ମାଣ କରିବାକୁ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ବିଡିଓ ସୁଶାନ୍ତ କୁମାର ବାରିକଙ୍କ ସହ ସର୍ବାଧିକ କ୍ଷତିଗ୍ରସ୍ତ ଟେଷ୍ଟଇ ଉପକୂଳ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଆକଳନ କରିଥିଲେ।

# ବାତ୍ୟା ପରେ କ୍ଷୟକ୍ଷତି ସମୀକ୍ଷା

ବାସୁଦେବପୁର,୧।୬(ଡି.ଏନ.ଏ.)


ସମୀକ୍ଷା ବୈଠକରେ କୃଷିମନ୍ତ୍ରୀ ଅରୁଣ ସାହୁ ଓ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର।

ବାସୁଦେବପୁର ବ୍ଲକରେ ମଙ୍ଗଳବାର ଅପରାହ୍ନରେ ରାଜ୍ୟ ସରକାରଙ୍କର କୃଷି ବିଭାଗର ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଓ ଶକ୍ତି ବିଭାଗର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ପହଞ୍ଚି ବାତ୍ୟା 'ୟାସ' ପ୍ରଭାବରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ସହିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ। କୃଷି ମନ୍ତ୍ରୀ ଡ. ସାହୁ ପୂର୍ବାହ୍ନରେ ବାସୁଦେବପୁର ବ୍ଲକର ପଦ୍ମପୁର-ରାଜଘରପୋଖରୀ ରାସ୍ତାରେ ଯାଇ ପଦ୍ମପୁର, ଜଗନ୍ନାଥପ୍ରସାଦ, ରାଜଘରପୋଖରୀ, ବିରସ, ବାଲିମେଦ ପଞ୍ଚାୟତ। ବନ୍ୟାକ୍ଷତିଗ୍ରସ୍ତ ଅଞ୍ଚଳ ଦେଖି ଧାମରା ଅଭିମୁଖେ ଯାଇଥିଲେ। ଅପରାହ୍ନ ୩ଟା ସମୟରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଏହାର ୫ ମିନିଟ୍ ପରେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଡିଓ ପ୍ରଣବ କୁମାର ବେହେରା, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିପ୍ରେସ କୁମାର, ଏଏଫ୍‌ସି ରତ୍ନପୂର୍ଣ୍ଣା ସାସମଲ, ଜେଏଫ୍‌ଟି ଗଦାଧର ରାଉତ, ବ୍ଲକ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲିକ, ଉଦ୍ୟାନ କୃଷି ଅଧିକାରୀ ସୋନାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ବ୍ଲକର କ୍ଷତିଗ୍ରସ୍ତ ୩୬ ପଞ୍ଚାୟତକୁ ରିଲିଫ ଦେବାକୁ ସରପଞ୍ଚ ସଂଘ ପକ୍ଷରୁ ଏକ ଦାବିପତ୍ର କୃଷିମନ୍ତ୍ରୀ ଡ. ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ବେଳେ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଦୀନବନ୍ଧୁ ଦାସ, ଅରୁଣ ମହାନ୍ତି, ମଞ୍ଜୁଲତା ପଣ୍ଡା, ରଘୁନାଥ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

